ବିତର୍କ

# ଜୀବେ ଦୟା ଓ ମାଂସାହାରର ଦୋଛକିରେ ମଣିଷ

■ ଡାଃ ପ୍ରତାପ କିଶୋର ଖମାରୀ
ରାଜ୍ୟ ପଶୁ ପ୍ରଜନନ ଫାର୍ମ, ଚିପିଲିମା, ସମ୍ବଲପୁର

'ପୁଷପୁନି' ପଶ୍ଚିମ ଓଡ଼ିଶାର ଏକ ଗଣ ପର୍ବ। ଆବାହମାନ କାଳରୁ, ବର୍ଷାଋତୁ ଆଧାରିତ ଚାଷ କାର୍ଯ୍ୟପରେ ଭଲ ଫସଲ ଅମଳ ହୋଇଥିବାର ଖୁସିରେ ଲୋକେ ଏହି ପର୍ବଟିକୁ ପାଳନ କରିଥାନ୍ତି। କୌଣସି ଦେବୀଦେବାଙ୍କୁ ପୂଜା କରାଯାଏ ନାହିଁ, କେବଳ ପିଠା, ପଣା, ମାଂସ ଏପରିକି ମଦର ଜୁଆର ଛୁଟେ। ପରିବାର ସମସ୍ତ ସଦସ୍ୟ ଏକାଠି ହୋଇ ପର୍ବଟିକୁ କେବଳ ଖାଇବା ଉଦ୍ଦେଶ୍ୟରେ ହିଁ ପାଳନ କରିଥାନ୍ତି। ସେମିତି ଏକ ପୁଷପୁନି ଦିନ ପିଲାପିଲିଙ୍କୁ ନେଇ ମୁଁ ଯାଇଥାଏ ଗାଁକୁ। ପିଲାମାନେ ପୁଷପୁନିର ଧୂମ୍ ଉଠାଇବାକୁ ବ୍ୟଗ୍ର ତେଣୁ ସକାଳୁ ତାଙ୍କୁ ପାଖରେ ଥିବା ନଦୀକୁ ସାଂଗରେ ଧରି ଗାଧୋଇବା ଉଦ୍ଦେଶ୍ୟରେ ବାହାରି ପଡ଼ିଲି। ସରକାରୀ କ୍ୱାର୍ଟରରେ ପାଣିକୁଣ୍ଡ ରେ ଗାଧୋଇବା ଓ ନଦୀରେ ଗାଧୋଇବାର ମଜା ଅଲଗା ତେଣୁ ପିଲାଙ୍କ ଜିଦ୍ ଆଗରେ ମୁଣ୍ଡ ନୁଁଆଇ ଦୁଇପୁଅ ଓ ଝିଅଙ୍କୁ ଧରି ରାସ୍ତାରେ ଚାଲିଚାଲି ନଦୀଆଡ଼କୁ ବାହାରିପଡ଼ିଲି। ଗାଁ ମୁଣ୍ଡରୁ ଅଳ୍ପ ଦୂରରେ ରାସ୍ତାକଡ଼ରେ ଏକ ଆମ୍ବଗଛ ମୂଳେ ଦଳେ ଲୋକ ଛିଡ଼ା ହୋଇଛନ୍ତି। ଗୋଟିଏ ବଡ଼ କାଠ ଗଣ୍ଡିଟିଏ ପଡ଼ିଛି। ଗୋଡ଼ ଚାରିଟି ବନ୍ଧାଥିବା ଗୋଟିଏ ଗାରଡ଼ର ମୁଣ୍ଡଟି କାଠଗଣ୍ଡି ଉପରେ ଥୁଆ ହୋଇଛି। ଆମେ ସେହି ସ୍ଥାନର ପାଖାପାଖି ହେଲା ବେଳକୁ, ଜଣେ ଲୋକ ଟାଙ୍ଗିଆଟାଏ ଧରି ଗାରଡ଼ ବେକରେ ପକାଇଲା ଚୋଟେ। ସାନଝିଅଟି ମୋର ସମ୍ଭବତଃ ତାକୁ ଜଣେଇ ଜଣେଇ ଦେଖୁଥିଲା, ଚୋଟ ପଡ଼ିବା ସାଂଗକୁ ସେ ବି ଚିତ୍କାର କରି ଉଠିଲା। ଝିଅକୁ କୋଳେଇ ନେଇ ଆଶ୍ୱସ୍ତ କରିବା ସମୟରେ ଦେଖିଲୁ ଏକ ଅଭାବନୀୟ ଦୃଶ୍ୟ। ଗାରଡ଼ର ଗୋଡ଼ ସମ୍ଭବତଃ ଠିକ୍ ଭାବରେ ବନ୍ଧା ନଥିଲା ତେଣୁ ଟାଙ୍ଗିଆ ଚୋଟ ପଡ଼ିବା ପରେ ଛାଟିପିଟି ହେବା ଦ୍ୱାରା ଗୋଡ଼ରୁ ଦଉଡ଼ି ଖୋଲିଯାଇଛି ପୁଣି ବେକରେ ଚୋଟ ପକାଉଥିବା ଲୋକଟି ମଧ୍ୟ ନୂଆ ତେଣୁ ଚୋଟଟି ବେକରେ ନ ବାଜି, ମୁଣ୍ଡରଫାଳେ ଚମଡ଼ା ଉଠାଇ ନେଇ ଯାଇଛି। ରକ୍ତାକ୍ତ ଗାରଡ଼ଟି ଜୀବନ ବିକଳରେ ଏପଟ ସେପଟ ଦୌଡୁଛି ଓ ପୁଷପୁନିରେ ତାର ମାଂସ ଖାଇବାପାଇଁ ଭିଡ଼ ଜମାଇଥିବା ଲୋକ ତାର ପଛରେ ଦୌଡୁଛନ୍ତି ପୁଣି ଧରିଆଣି ବଧ କରିବା ପାଇଁ। କ୍ଷତାକ୍ତ ଗାରଡ଼କୁ ଧରିବା ପାଇଁ ସମସ୍ତେ ଚିତ୍କାର କରି ଧାଁ ଧଉଡ଼ କରୁଛନ୍ତି। ମୋ ପିଲାଦୁଇଟି ସେ ଦୃଶ୍ୟ ଦେଖି କଳାକାଠ ପଡ଼ିଗଲେଣି। ଯେକୌଣସି ପ୍ରକାରେ ଗାଧୋଇ କରି ଆସିଲୁ କିନ୍ତୁ ମଧ୍ୟାହ୍ନ ଭୋଜନ ସମୟରେ ଯେତେବେଳେ ଆମକୁ ମାଂସ ପରସାଗଲା ସେତେବେଳକୁ ପୁଅଝିଅ ଦୁହେଁ ମାଂସ ଖାଇବାକୁ ମନା କରିବା ସହ ପଚାରି ବସିଲେ 'ବାପା, କ'ଣ ଏଇଟା ସେ ଗାରଡ଼ର ମାଂସ, ତାକୁ କାହିଁକି ଏମିତି ଗୋଡ଼େଇ ଗୋଡ଼େଇ ମାରୁଥିଲେ। ତାକୁ କ'ଣ କଷ୍ଟ ହେଉନଥିବ ? ତାଙ୍କ ପ୍ରଶ୍ନର ଉତ୍ତର ତ ମୋ ପାଖରେ ନଥିଲା ବରଂ ପ୍ରଶ୍ନଟି ଖୁବ୍ ଆନ୍ଦୋଳିତ କଲା ମନକୁ।

ଆବହମାନ କାଳରୁ ମଣିଷ ଓ ପଶୁ ଧରାପୃଷ୍ଠ ମିଶାମିଶି ହୋଇ ରହି ଆସୁଛନ୍ତି। ମଣିଷ ବିଭିନ୍ନ କାର୍ଯ୍ୟ ପାଇଁ ପଶୁମାନଙ୍କୁ ବିନିଯୋଗ କରୁଛି ଯେପରିକି ଶକ୍ତିପାଇଁ ବଳଦ, ମଇଁଷି, କ୍ଷୀର ପାଇଁ ଗାଈ, ମଇଁଷି, ଘର ଜଗିବା ପାଇଁ କୁକୁର, ସଉକ ପାଇଁ ପଶୁ ଓ ପକ୍ଷୀପାଳନ, ତଥା ମାଂସ, ଲୋମ, ଲଣ୍ଡି ପାଇଁ ପଶୁ ପାଳନ କରିଆସୁଛି ଓ ତା ବଦଳରେ ତାଙ୍କର ଖାଦ୍ୟ ପେୟ ଓ ଘରର ବ୍ୟବସ୍ଥା କରୁଛି। ଏବେତ ଏସବୁ ବ୍ୟବସାୟିକ ଭିତ୍ତିରେ ଚାଲିଲାଣି।

ଭାରତରେ ସିନା ଗୋରୁ ମାଂସର ବଜାର ଏତେଟା ନାହିଁ, ପୃଥିବୀରେ କିନ୍ତୁ ଏହାର ଚାହିଦା ଖୁବ୍ ବେଶୀ। ଭାରତରେ ବହୁ ଲୋକ ମାଂସାହାରୀ, ତେଣୁ ସେମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ଛେଳି, ମେଣ୍ଢା, ଘୁଷୁରୀ ଇତ୍ୟାଦି ପାଳିତ ହେଉଛନ୍ତି। ବର୍ତ୍ତମାନ ବ୍ରଏଲର ଏକ ବୃହତ୍ ଶିଳ୍ପ ରୂପେ ଉଭାହେଲାଣି। ଏକ ଆକଳନରୁ ଜଣାଯାଏ ଯେ ଭାରତରେ ୧୨.୫ କୋଟି ଛେଳି, ୬.୨ କୋଟି ମେଣ୍ଢା, ୧.୨ କୋଟି ଘୁଷୁରୀ, ୮୧ କୋଟି କୁକୁଡ଼ା ପାଳିତ ହେଉଛନ୍ତି। ମାଂସ ଉତ୍ପାଦନରୁ ପ୍ରତିବର୍ଷ ଭାରତକୁ ୨୪୮୭୬ କୋଟି ଭାରତୀୟ ଅର୍ଥନୀତିକୁ ଯୋଗଦାନ ମିଳୁଛି। ମୋଟ ପଶୁ ସଂପଦରୁ ମିଳୁଛି ବାର୍ଷିକ ୧୨୩୦୭୬ କୋଟି ଟଙ୍କା ଯାହାକି ମୋଟ କୃଷି ଆୟର ଶତକଡ଼ା ପ୍ରାୟ ୨୭ ଭାଗ। ପଶୁ ସଂପଦ ଉତ୍ପାଦନରେ ଭାରତର ମୋଟ ଶ୍ରମଶକ୍ତିର ୮ ପ୍ରତିଶତ ବ୍ୟବହୃତ ହୁଏ ଏବଂ ଏ କ୍ଷେତ୍ରରେ ଗତ ଦୁଇଦଶନ୍ଧିହେଲା ୪.୫% ହାରରେ ଅଭିବୃଦ୍ଧି ଘଟୁଛି ଯେତେବେଳେ କି କୃଷିକ୍ଷେତ୍ରରେ ଅଗ୍ରଗତି ୨୦୨% ହାରରେ ଘଟୁଛି। ଭାରତ ଉଭୟ କୁକୁଡ଼ା ଓ ଅନ୍ୟ ପଶୁ ମାଂସ ଉତ୍ପାଦନ କ୍ଷେତ୍ରରେ ପୃଥିବୀରେ ୫ମ ସ୍ଥାନରେ ରହିଛି ଓ ବହୁ କୋଟି ଲୋକଙ୍କ ପରିବାରର ଆର୍ଥିକ ପ୍ରଗତିର ପନ୍ଥା ରୂପେ ରହିଆସିଛି। ଭାରତରେ ବାର୍ଷିକ ମୋଟ ପଶୁମାଂସ ଉତ୍ପାଦନ ପରିମାଣ ୪୯ ଲକ୍ଷ ଟନ ଓ କୁକୁଡ଼ା ମାଂସ ୧୨ ଲକ୍ଷ ଟନ୍। ପଶୁମାଂସ ଓ କୁକୁଡ଼ା ତଥା କୁକୁଡ଼ା ମାଂସ ଉତ୍ପାଦନରୁ ଭାରତ ପ୍ରତିବର୍ଷ ଯଥାକ୍ରମେ ୧୬୫୦ କୋଟି ଓ ୮୭ ଗୋଟି ବୈଦେଶିକ ମୁଦ୍ରା ଆୟ କରୁଛି ତଥା ସେ କ୍ଷେତ୍ରରେ ହାରାହାରି ଭାବରେ ୧୬.୫ ଓ ୫ ପ୍ରତିଶତ ହାରରେ ରପ୍ତାନୀ ଅଭିବୃଦ୍ଧି ଘଟୁଛି। ଭାରତରେ ଏବେ ବ୍ୟକ୍ତି ପିଛା ଦୈନିକ ମାତ୍ର ୧୨ ଗ୍ରାମ ମାଂସ ମିଳିପାରୁଛି ଯଦିଓ ଆବଶ୍ୟକତା ବାର୍ଷିକ ୧୦.୯୫ କିଲୋଗ୍ରାମ। ସୁତରାଂ ଏତେ ସଂଖ୍ୟକ ମାଂସାହାରୀଙ୍କୁ ଶାକାହାରୀରେ ପରିବର୍ତ୍ତନ କରିବା ବହୁ ପରିଶ୍ରମ ସାପେକ୍ଷ ପୁନଶ୍ଚ ଏହା ଆମର ରପ୍ତାନୀ ଓ ସେଥିରେ କାର୍ଯ୍ୟକରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କ ଉପରେ କୁପ୍ରଭାବ ପକାଇବ।

ଅନ୍ୟପକ୍ଷରେ କହିବାକୁ ଗଲେ ପଶୁପକ୍ଷୀ ସଂପଦରୁ ମିଳୁଥିବା ମାଂସହାରୀ ଲୋକଙ୍କ ସହ ସାମାଜିକ ଚଳଣି ଯେମିତି ଚାଲିଛି ପ୍ରାୟତଃ ସେମିତି ଚାଲିବ। ଏହି ପରିପେକ୍ଷୀରେ ଓଡ଼ିଶା କଥା ଦେଖାଯାଉ, ଓଡ଼ିଶାରେ ବାର୍ଷିକ ୫୦୫୨୮ ଟନ୍ ମାଂସ ଉତ୍ପାଦିତ ହୁଏ ଏବଂ ଏଥିପାଇଁ ଲକ୍ଷ ଲକ୍ଷ ଛେଳି, ମେଣ୍ଢା ଓ ଘୁଷୁରୀ କଟା ହେଉଛନ୍ତି। ଆମ ରାଜ୍ୟରେ ପ୍ରତିବର୍ଷ ୩୬୮୧୧ ଟନ ଛେଳି ମାଂସ, ୮୫୯୦ ଟନ ମେଣ୍ଢା ମାଂସ ଓ ୫୧୨୭ ଟନ ଘୁଷୁରୀ ମାଂସ ଉତ୍ପାଦନ ହୁଏ (୨୦୦୪-୦୫) ମାତ୍ର ଛେଳି, ମେଣ୍ଢା ଓ ଘୁଷୁରୀ ପିଛା ହାରାହାରି ୮.୯୫ କି.ଗ୍ରା, ୯.୭୪ କି.ଗ୍ରା. ସ ୨୯ କି.ଗ୍ରା. ମାଂସ ମିଳିଥାଏ ତେଣୁ କଟାଯାଉଥିବା ପଶୁସଂଖ୍ୟା ସହଜେ ଅନୁମେୟ।

ଓଡ଼ିଶାର ୪୭.୧୨ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି ଅର୍ଥାତ ସେମାନଙ୍କର ଦୈନିକ ଆବଶ୍ୟକ ଉର୍ଜା ଓ ପ୍ରୋଟିନ୍ ମଧ ପାଇନଥାନ୍ତି ତେଣୁ ଲୋକେ ବିଶେଷକରି ପିଲାମାନେ ରକ୍ତହୀନତା ତଥା କୁ-ପୋଷଣର ଶିକାର ହୋଇଥାନ୍ତି। ଓଡ଼ିଶାରେ ଶିଶୁ ମୃତ୍ୟୁହାର ପ୍ରତି ହଜାରେ ଛୁଆରେ ୮୬ଟି। ପ୍ରାଣୀଜ ପୁଷ୍ଟିସାର ଆବଶ୍ୟକତା ଠାରୁ ମିଳୁଛି ଢ଼େର କମ ଅର୍ଥାତ୍ ମାଂସ ମିଳୁଛି ୧.୩୫୮ କି.ଗ୍ରା. ବର୍ଷକୁ ଓ ଅଣ୍ଡା ବର୍ଷକୁ ୩୬ଟି। ଆମ ଦେଶରେ ପ୍ରାଣୀଜ ପୁଷ୍ଟିସାର ତ ଦୂରର କଥା ଉଦ୍ଭିଦପୁଷ୍ଟିସାର ଯୋଗାଉଥିବା ମୁଖ୍ୟ ଫସଲ ବା ଡାଲିଜାତୀୟ ସାମଗ୍ରୀ ୧୪.୭ ଲକ୍ଷ ଟନ ଆବଶ୍ୟକତା ଠାରୁ କମ୍ ପଡୁଛି ତେଣୁ ପୁଷ୍ଟିସାରର ଆବଶ୍ୟକତା ପୂରଣ କଠିନକାର୍ଯ୍ୟ ନିଶ୍ଚୟ। ପୁନଶ୍ଚ ବର୍ତ୍ତମାନ ଚାଷଜମିର ପରିମାଣ ମଧ କମି କମି ଆସୁଛି ଓ ଜନସଂଖ୍ୟା ବଢୁଛି।

ଆମରାଜ୍ୟରେ ମାଂସହାରୀ ଲୋକଙ୍କ ସଂଖ୍ୟା କମିଲେ ମଧ ପଶୁସଂଖ୍ୟା କମ୍ ହେବାର କାରଣ ଦେଖାଯାଉ ନାହିଁ କାରଣ ଭୂମିହୀନ ପରିବାର ନାମ ମାତ୍ର ଓ କ୍ଷୁଦ୍ର ଚାଷୀ ପରିବାର ମୋଟ ଗୋରୁ, ଛେଳି ଓ ମେଣ୍ଢା ତଥା କୁକୁଡ଼ାଙ୍କ ସଂଖ୍ୟାର ଶତକଡ଼ା ୯୧.୨୪, ୮୭.୫ ଓ ୯୧.୧୬ ଭାଗ ପାଳନ କରିଥାନ୍ତି ନିଜର ପରିବାରରର ଅତିରିକ୍ତ ଆୟର ସ୍ରୋତ ରୂପେ ତାହା ପୁଣି ମୁଖ୍ୟତଃ ପ୍ରକୃତି ଉପରେ ନିର୍ଭର କରି ତାଙ୍କୁ ସେମାନେ ତାଙ୍କ ଆୟର ସ୍ରୋତ ବନ୍ଦ କରିବାକୁ ଚାହିଁବେ ନାହିଁ। ପାକିସ୍ତାନ ସରକାର ଛେଳି ପାଳନକୁ ନିରୁତ୍ସାହିତ କରିବା ପାଇଁ ଆଦେଶ ଦେଇଥିଲେ ମାତ୍ର ସେଥିରେ ସଫଳତା ତ ପାଇଲେ ନାହିଁ ବରଂ ୧୯୬୪ ମସିହାରେ ଯେତେବେଳେ ଆଦେଶ ପ୍ରତ୍ୟାହୃତ କଲେ ସେତେବେଳକୁ ଛେଳି ସଂଖ୍ୟା ପୂର୍ବଠାରୁ ଢ଼େର ବଢ଼ି ଯାଇଥିଲା କାରଣ ଛେଳିଠାରୁ ମିଳୁଥିବା ପ୍ରଭୂତ ଲାଭ ପ୍ରତ୍ୟେକ ଛେଳିଚାଷୀକୁ ଜଣା! ଭାରତରେ ପ୍ରତିବର୍ଷ ପ୍ରାୟ ୪୨ ପ୍ରତିଶତ ଛେଳି ମାଂସ ପାଇଁ କଟାହେଉଥିଲେ ସୁଦ୍ଧା ଛେଳିଙ୍କ ମୋଟ୍ ସଂଖ୍ୟାରେ ପ୍ରତିବର୍ଷ ହାରାହାରୀ ୩-୪ ପ୍ରତିଶତ ଅଭିବୃଦ୍ଧି ଘଟୁଛି। ତେଣୁ ମାଂସ ନ ଖାଇଲେ, ଛେଳି ସଂଖ୍ୟାରେ କିପରି ବୃଦ୍ଧି ଘଟିବ ଓ ତାହା ପରିବେଶ ଉପରେ କି କୁପ୍ରଭାବ ପକାଇବ ତାହା ସହଜେ ଅନୁମେୟ।

ଆମମାନଙ୍କ ଜୀବେଦୟା ପରିପେକ୍ଷୀରେ ଅତୀତର କେତୋଟି ପୁରୁଣା କଥା ସ୍ୱତଃ ମନେ ପଡ଼େ। ଅଳ୍ପ କିଛି ବର୍ଷ ପୂର୍ବରୁ ରାଜସ୍ଥାନରେ ମରୁଡ଼ି ପଡ଼ି ଗୋରୁ-ଗାଈଙ୍କ ପ୍ରଭୂତ ଖାଦ୍ୟଭାବ ଘଟିବାରୁ ଲୋକେ ନିଜେ ପାଳୁଥିବା ଓ ପରିବାରକୁ ପ୍ରତିପୋଷଣ କରୁଥିବା ଗାଈବଳଦଙ୍କୁ ଚନ୍ଦନ ତିଳକ ଲଗାଇ ବାହାରକୁ ଛାଡ଼ି ଦେଲେ ଫଳରେ ଅଧିକାଂଶ ଖାଇବାକୁ ଓ ପିଇବାକୁ ପାଣି ନ ପାଇ ମୃତ୍ୟୁ ମୁଖରେ ପଡ଼ିଲେ ଓ ପରିବେଶକୁ ଦୁର୍ଗନ୍ଧମୟ କରିଦେଲେ। ଠିକ୍ ସେହିପରି ମୁମ୍ବାଇରେ ସମୁଦ୍ରକୂଳରେ ଲୋକେ ଓଟ ପାଳି, ପର୍ଯ୍ୟଟକଙ୍କୁ ତାଙ୍କ ପିଠିରେ ବୁଲାଇ ପରିବାର ପ୍ରତିପୋଷଣ କରୁଥିଲେ ମାତ୍ର ମରୁଭୂମିର ଜନ୍ତୁକୁ ସମୁଦ୍ର କୂଳରେ ରଖିବାକୁ ଦିଆନଯିବା ପାଇଁ କେତେକ ପ୍ରବଳ ବିରୋଧ କଲେ ଫଳରେ ଓଟ ମାଲିକମାନେ ଭୟରେ ଓଟମାନଙ୍କୁ ଛାଡ଼ି ଦେଲେ, ତେଣୁ ଓଟ ସବୁ ଭୋକ ଉପାସରେ ମଲେ କେହି ତାଙ୍କ କଥା ବୁଝିଲେ ନାହିଁ, ଏପରିକି ବିରୋଧ କରୁଥିବା ସଂଗଠନ ମଧ। ଏହା କି ପ୍ରକାର ମାନବିକତା, ଅନେକ ବିକଳାଙ୍ଗ, ରୋଗଗ୍ରସ୍ତ, ଆର୍ଥିକ ଦୃଷ୍ଟିକୋଣରୁ ଅନାବଶ୍ୟକ ଓ ବୃଦ୍ଧ ପଶୁଙ୍କୁ କେତେ ଜଣ ତାଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଖୁଆଇ ପିଆଇ ଚିକିତ୍ସା ବ୍ୟବସ୍ଥା କରି ରଖୁଛନ୍ତି ? ପଶୁମାନଙ୍କୁ ରଖିବା ପାଇଁ ପର୍ଯ୍ୟାପ୍ତ ଗୋଶାଳା ନାହିଁ କି ଆର୍ଥିକ ସମ୍ବଳର ମଧ ଅଭାବ ରହିଛି। କେତେକ ଗୋଶାଳାରେ ଅଦରକାରୀ ପଶୁଙ୍କୁ କଂସେଇଖାନାକୁ ବିକ୍ରି କରି ଦେଇ, କେବଳ ଦୁଗ୍ଧ ଉତ୍ପାଦନ ପାଇଁ ଗୋଶାଳା ପରିଚାଳିତ କରୁଛନ୍ତି ବୋଲି ସୁପ୍ରସିଦ୍ଧ ପଶୁପ୍ରେମୀ ମାନେକା ଗାନ୍ଧୀ, ତାଙ୍କର ଏକ ଲେଖାରେ କ୍ଷୋଭ ପ୍ରକାଶ କରିଛନ୍ତି।

ମାନବିକ ମୂଲ୍ୟବୋଧ ଯୋଗୁଁ ହିଁ ମଣିଷ ଅନ୍ୟ ପଶୁଠାରୁ ଶ୍ରେଷ୍ଠ ତେଣୁ ତାକୁ ସାକାର କରିବା ସମସ୍ତଙ୍କର କର୍ତ୍ତବ୍ୟ। ଏହି ପରିପେକ୍ଷୀରେ ନିକଟ ଅତୀତରେ ରାଜସ୍ଥାନ ହାଇକୋର୍ଟ ଏକ ମହତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଗୋଟିଏ ହାତୀ ଯେ କି ମାହୁନ୍ତର ପରିବାରକୁ ପ୍ରତିପୋଷଣ କରୁଥିଲା ତାକୁ ପରିବାରର ସଦସ୍ୟ ରୂପେ ମାନ୍ୟତା ଦେଇ ଗୋଟିଏ ବୀମା କମ୍ପାନୀକୁ ହାତୀର ମୃତ୍ୟୁ ବାବଦକୁ ୫.୯୯ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପଶୁଙ୍କୁ ଆବଶ୍ୟକତା ଓ ତାଙ୍କର ଅବଦାନକୁ ଏଥିରେ ମାନ୍ୟତା ଦିଆଯାଇଛି ତାହା ବେଶ୍ ପ୍ରଣିଧାନ ଯୋଗ୍ୟ।

ଏବେ ଅନେକ ସ୍ଥାନରେ ବିଭିନ୍ନ ଦେବାଦେବୀଙ୍କ ବଳି ଦେବା ଆଳରେ ଶହ ଶହ ସଂଖ୍ୟାରେ ପଶୁ ଓ ପକ୍ଷୀ କଟା ଯାଉଛନ୍ତି। ତାହା କେବଳ ଧାର୍ମିକ କାରଣରୁ ମାତ୍ର ମୁଖ୍ୟତଃ ତାକୁ ପ୍ରସାଦ ରୂପେ ମଣିଷ ହିଁ ଭକ୍ଷଣ କରୁଛି। ବଳିଦ୍ୱାରା ଦେବାଦେବୀ ସନ୍ତୁଷ୍ଟ ହେଉଛନ୍ତି କି ନାହିଁ ତାହା ଭିନ୍ନ ପ୍ରଶ୍ନ!

ବର୍ତ୍ତମାନ ପଶୁପକ୍ଷୀଙ୍କୁ ବଳିଦେବା ବିରୁଦ୍ଧରେ ଜନସଚେତନତା ବଢ଼ିଲାଣି ଓ ବଳିପ୍ରଥା ବହୁ ସ୍ଥାନରେ ବନ୍ଦ ହେଲାଣି। ପଶୁପକ୍ଷୀମାନଙ୍କୁ ଅଯଥାରେ ଅମାନବୀୟ ଯାତନା ନଦେବା ପାଇଁ ମଧ ଅନେକ ନିୟମ କାନୁନ କରାଯାଇଛି ଓ ଲୋକଙ୍କୁ ସେ ବିଷୟରେ ସଚେତନତା ସୃଷ୍ଟିପାଇଁ ତଥା ଆବଶ୍ୟକ ସ୍ଥଳେ ନ୍ୟାୟାଳୟ ଦ୍ୱାରା ଦଣ୍ଡବିଧାନର ବ୍ୟବସ୍ଥା ରହିଛି ମାତ୍ର ତାର କାର୍ଯ୍ୟକାରିତା କିପରି ହେଉଛି ତାହା ଆମେ ସମସ୍ତେ ଜାଣୁ।

ବର୍ତ୍ତମାନ ମଣିଷ ମାଂସାହାର ପାଇଁ ଜୀବହତ୍ୟା କରିବା ଓ ଜୀବମାନଙ୍କୁ ଦୟାପ୍ରଦର୍ଶନ କରି ନିଷ୍ଠୁର ଆଚରଣ ନ କରିବାର ଦୋ

ଛକିରେ ଛିଡ଼ା ହୋଇଛି। ପ୍ରସଙ୍ଗ ଆରମ୍ଭରୁ ଯେଉଁ ଗାରଡ଼ କଟା ପ୍ରସଙ୍ଗ ଅବତାରଣ କରାଯାଇଛି ତାହା ଏହାର ଏକ ଜ୍ୱଳନ୍ତ ଉଦାହରଣ। ପ୍ରତିଦିନ ସହସ୍ରାଧିକ ପଶୁ ଓ ପକ୍ଷୀ ଉପରୋକ୍ତ ପ୍ରକ୍ରିୟାରେ ମାଂସ ପାଇଁ ଅମାନବୀୟ ଭାବରେ କଟା ଚାଲିଛନ୍ତି। ପଶୁଙ୍କୁ ଅଧିକ ମାଡ଼ମାରିବା ଅଧିକ ଭାର ଲଦିବା, ଆଘାତ କରିବା ଦୋଷାବହ ମାତ୍ର ତାଙ୍କୁ ଖାଇବା ପାଇଁ ମାରିବା ପୂର୍ବରୁ ଯେଉଁ ନିଷ୍ଠୁର ଆଚରଣ କରି ହତ୍ୟା କରୁଛୁ ତାକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ମାନବିକତାର ଆବଶ୍ୟକ ତାହା ଦେଖିବାକୁ କ୍ୱଚିତ ମିଳୁଛି, କାରଣ ନିୟମ ସୃଷ୍ଟିଦ୍ୱାରା ସମସ୍ୟାର ସମାଧାନ ହୁଏ ନାହିଁ।

ବଳି ପ୍ରଥା ହେଉଛି ସାଧାରଣ ଭାବରେ ମାରି ଖାଇବାକୁ ହେଉ ପଶୁ ଓ ପକ୍ଷୀମାନଙ୍କ ମାରିବା ପୂର୍ବରୁ କଲବଲ କରିବା ଅତ୍ୟନ୍ତ ଅନ୍ୟାୟ ଓ ସଂବେଦନ ବିହୀନ କାର୍ଯ୍ୟ। ବୈଜ୍ଞାନିକ ଉପାୟରେ ପଶୁଙ୍କୁ ଆଦୌ କଷ୍ଟ ନଦେଇ ବା ତୁରନ୍ତ ମାରିବା ପାଇଁ ବ୍ୟବସ୍ଥା ସବୁ ରହିଛି ତେଣୁ ଏ ସବୁକୁ ଆପଣେଇବା ପାଇଁ ଜନ ସଚେତନତା ଜରୁରୀ ମାତ୍ର କେତେକ ବ୍ୟକ୍ତି ଧାର୍ମିକ କାରଣରୁ ବଧ ଯୋଗ୍ୟ ପଶୁଙ୍କୁ ହଲାଇ ବା ଝଟକା ମାଧ୍ୟମରେ ମାରି ମାଂସ କାଟିଥାନ୍ତି। ଧାର୍ମିକ ଦୃଷ୍ଟିକୋଣରୁ ଏସବୁ କରାଯାଉଥିବାରୁ, ନିତୀନିୟମ ପ୍ରଣୟନ ଏକ ଅନ୍ୟ ପ୍ରକାର ଧର୍ମ ସଙ୍କଟ ସୃଷ୍ଟି କରୁଛି, ତେଣୁ ଏଥିପାଇଁ ଆମ ମନ୍ଥନ ଲୋଡ଼ା। ଯେଉଁ କ୍ଷେତ୍ରରେ ଅବଶ୍ୟ ଧାର୍ମିକତା ଯୋଡ଼ି ହୋଇ ରହିନାହିଁ ସେଠାରେ ମୃତ୍ୟୁ ପୂର୍ବରୁ ପଶୁଙ୍କୁ ବିନା କଷ୍ଟ ବା ଅଳ୍ପ କଷ୍ଟରେ ତୁରନ୍ତ ମାରିବା ବ୍ୟବସ୍ଥା ବାଧ୍ୟତା ମୂଳକ କରାଯିବା ଉଚିତ କାରଣ ମାଂସାହାର ବିରୁଦ୍ଧରେ ଯେତେ ପ୍ରଚାର କରାଗଲେ ସୁଦ୍ଧା, ମାଂସାହାରୀ ଲୋକଙ୍କ ସଂଖ୍ୟା ଓ ପଶୁପକ୍ଷୀ ପାଳନ କରୁଥିବା ପରିବାର ସଂଖ୍ୟା ତଥା ମାଂସ ବିକ୍ରି କରିବା ଏ ବ୍ୟବସାୟ ସହ ସଂପୃକ୍ତ ଲୋକଙ୍କ ସଂଖ୍ୟାକୁ ଦେଖି ଏହା ସଫଳ ହେବା ସମ୍ଭାବନା କମ୍ କିମ୍ବା ଶ୍ରମ ସମୟ ଓ ଧନ ସାପେକ୍ଷ।

ପଶୁ ଓ ପକ୍ଷୀମାନଙ୍କୁ ମାଂସ ଉଦ୍ଦେଶ୍ୟରେ କାଟିବା ପୂର୍ବରୁ ସେମାନଙ୍କୁ ବେହୋସ କରାଯିବା ପାଇଁ 'ଷ୍ଟନିଙ୍ଗ ଗନ୍' ନାମକ ଏକ ସ୍ୱତନ୍ତ୍ର ଯନ୍ତ୍ର ରହିଛି ଯାହାର ପ୍ରୟୋଗରେ ପଶୁଟି ତୁରନ୍ତ ବେହୋସ ହୋଇଯାଏ ଫଳରେ ବେହୋସ ଥିବା ସମୟରେ ତାର ରକ୍ତନଳୀକୁ କାଟି ରକ୍ତ ବାହାର କରିଦିଆଯାଏ ଯଦ୍ୱାରା ପଶୁଟି ମୃତ୍ୟୁମୁଖରେ ପଡ଼ିଥାଏ ଓ ମୃତ୍ୟୁ କଷ୍ଟ ଜାଣି ପାରି ନଥାଏ। ଏବେ ପଶ୍ଚିମ ଦେଶର ବଧଶାଳା ମାନଙ୍କରେ ବିଦ୍ୟୁତ ଚାଳିତ ଷ୍ଟନର ଯନ୍ତ୍ର ବ୍ୟବହୃତ ହେଉଛି ଯେଉଁଥିରେ ପଶୁ ଓ ପକ୍ଷୀଙ୍କ ମୁଣ୍ଡରେ ଅଳ୍ପ ସମୟ ପାଇଁ ବିଦ୍ୟୁତ ଏକ ନିର୍ଦ୍ଦିଷ୍ଟ ଭୋଲଟେଜ୍‌ରେ ପ୍ରୟୋଗ କରାଯାଏ ଫଳରେ ପଶୁଟି ବେହୋସ ହୋଇଯାଏ ସେ ସମୟରେ ତାର ରକ୍ତ କାଢ଼ି ନେଇ, ତାକୁ ବଧ କରାଯାଏ। ଉକ୍ତ ରକ୍ତକୁ ଅନ୍ୟ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଇପାରେ।

ତେଣୁ ଏବେ ସମୟ ଆସିଛିଯେ, ମଣିଷ, ଯେକି ନିଜକୁ ସଭ୍ୟ ଭାବରେ ପ୍ରତିପାଦିତ କରୁଛି ଓ ଦୈନିକ ହତ୍ୟା କରାଯାଉଥିବା ସହସ୍ରାଧିକ ପଶୁଙ୍କ କରୁଣ ଆର୍ତ୍ତ ଚିତ୍କାରକୁ ସହ୍ୟ କରିବାକୁ ବାଧ ହେଉଛି ସେହି ଅମାନବୀୟ କୃତ୍ୟକୁ ହଟାଇ ଦେବା ଉଦ୍ଦେଶ୍ୟରେ ଜନସଚେତନତା ସୃଷ୍ଟି କରିବା ସମୟ ଆସିଛି ତଥା ତାଙ୍କୁ ମାରିବା ପୂର୍ବରୁ ଅନ୍ତତଃ ବିନାକଷ୍ଟରେ ମରିବାକୁ ଦେବାର ମାନବିକତା ଜାଗୃ।

ଅନେକ ବ୍ୟକ୍ତି ଧାର୍ମିକ ଦୃଷ୍ଟିକୋଣରୁ ପଶୁଙ୍କୁ ବେହୋସ କରି ମାରିବା ସପକ୍ଷରେ ନୁହନ୍ତି, କେତେକ ଧାର୍ମିକ କାରଣରୁ ନିର୍ଦ୍ଦିଷ୍ଟ ପନ୍ଥାରେ, କାଟିବାକୁ ବାଧ ହେଉଛନ୍ତି ତେଣୁ କଷ୍ଟଶୂନ୍ୟ ମୃତ୍ୟୁ ପଶୁଙ୍କ ପାଇଁ ହୁଏତ ସ୍ୱପ୍ନ ହୋଇପାରେ ତେଣୁ ଏହି ଦୋଛିକିରୁ ଉଦ୍ଧାର ପାଇବାକୁ ସଭ୍ୟ ମଣିଷକୁ ଗଭୀର ଚିନ୍ତା କରିବା ସମୟ ଉପନୀତ।

❖ ❖ ❖

## ପ୍ରାଣୀବିଚିତ୍ରା

# ଅନେକ ଯନ୍ତ୍ରଣା

ଦକ୍ଷିଣ ଭାରତରେ ପ୍ରୁଭମିଥି ଏକ ପ୍ରସିଦ୍ଧ ଉତ୍ସବ। କେତେକ ନିର୍ଦ୍ଦିଷ୍ଟ ପର୍ବରେ ଜଳନ୍ତା କୋଇଲା ଉପରେ ମଣିଷ ଚାଲୁଥିବାରୁ ଆମର ନଜରକୁ ଆସିଥାଏ। କିନ୍ତୁ ମନୁଷ୍ୟ ନିଜର ସମୃଦ୍ଧି ଓ ମନସ୍କାମନା ପୂରଣ ଆଶାରେ ପଶୁଙ୍କୁ ନିଆଁରେ ଚଳାଇବାର ନଜିର ତାମିଲନାଡୁର ନମାକ୍‌କାଲ ଜିଲ୍ଲାରେ ଦେଖାଯାଏ। ନମାକ୍‌କାଲ ଜିଲ୍ଲାର ଉରାମ୍ପୁସ୍ଥିତ ଶ୍ରୀ ବରଦରାଜ ସ୍ୱାମୀ ମନ୍ଦିର। ପ୍ରତି ଛଅ ବର୍ଷ ଏଇ ପ୍ରୁଭ ମିଥି ଉତ୍ସବ ପାଳନ ଅବସରରେ ଏଠାରେ ଏକ ବଡ଼ ଆୟତକାର କ୍ଷେତ୍ର ପ୍ରସ୍ତୁତ କରାଯାଏ। ଏଇ କ୍ଷେତ୍ରରେ ଭିତର ପାଖ ଗହୀରିଆ କରାଯାଇଥାଏ ଯେପରି ଏହା ମଧ୍ୟରେ କୌଣସି ପଶୁ ପଶିଗଲେ ସହଜରେ ଉଠି ନପାରିବ। ଏହାକୁ ଜଳନ୍ତା ଅଙ୍ଗାରରେ ଭର୍ତ୍ତି କରିଦିଆଯାଏ। ନିଆଁର ଚଦର ବିଛାହେଲା ପରି ଦେଖାଯାଏ। ବଳଦର ମାଲିକମାନେ ସେମାନଙ୍କର ବଳଦଙ୍କୁ ଧରି ଆସି ପହଞ୍ଚନ୍ତି। ନିଜେ ମାଟି ଉପରେ ଛିଡ଼ା ହୋଇ ବଳଦ ବେକରେ ବନ୍ଧାଯାଇଥିବା ପଘାକୁ ଧରି ବଳଦଙ୍କୁ ଏଇ ନିଆଁରେ ଚାଲିବାକୁ ବାଧ୍ୟ କରାନ୍ତି। ବଳଦମାନେ ଥରେ ସେହି କ୍ଷେତ୍ର ମଧ୍ୟରେ ପ୍ରବେଶ କଲେ ସହଜରେ ଉପରକୁ ଆସିପାରନ୍ତି ନାହିଁ। ଯେଉଁ ମାଲିକର ବଳଦ ଯେତେ ବେଶୀ ସମୟ ନିଆଁରେ ଚାଲିବ ତା'ର ମାଲିକ ଭଗବାନଙ୍କ ଠାରୁ ସେତେ ଅଧିକ ଆଶୀର୍ବାଦ ଲାଭ କରିବ ଓ ନିଆଁରେ ଚାଲୁଥିବା ବଳଦର ସ୍ୱାସ୍ଥ୍ୟ ବର୍ଷ ସାରା ଭଲ ରହିବ ଏବଂ ଜମିରେ ଚାଷ କରିବା ପାଇଁ ସେ ବିଶେଷ ଉପଯୁକ୍ତ ହେବ ବୋଲି ସେମାନଙ୍କ ବିଶ୍ୱାସ। ଏହା ବ୍ୟତୀତ କେତେକ ଲୋକ ଛେଳି ଓ ମେଣ୍ଢାଙ୍କୁ ମଧ୍ୟ ଏଇ ନିଆଁରେ ଚଲାଇଥାନ୍ତି। ଅନ୍ୟ ଏକ ପର୍ବ ଜାଲିକାଟୁରେ ବିଜୟ ଲାଭ କରିବା ପାଇଁ କେତେକ ଲୋକ ସେମାନଙ୍କର ଷଣ୍ଢକୁ ମଧ୍ୟ ଏଇ ନିଆଁରେ ଚଳାଇବାକୁ ଭୁଲନ୍ତି ନାହିଁ। କିନ୍ତୁ ବଡ଼ ଦୁଃଖର କଥା ଏଇ ନିଆଁରେ ଚାଲୁଥିବା ଅବସ୍ଥାରେ କେତେକ ପଶୁ ସେମାନଙ୍କର ଶରୀରର ସନ୍ତୁଳନ ରକ୍ଷାକରି ନପାରି ନିଆଁରେ ପଡ଼ି ପୋଡ଼ି ହୋଇଯାଆନ୍ତି। ମନୁଷ୍ୟ ନିଜକୁ ସହାଇଲା ପରି ନିଆଁ କରି ସେଥିରେ ଚାଲିଥାଏ ଓ ନିଆଁରେ ତାତି ଯେପରି ପାଦକୁ କମ୍ ଲାଗିବ ସେଥିପାଇଁ ବିଭିନ୍ନ ପଦ୍ଧତି ଅବଲମ୍ବନ କରିଥାଏ। ପଶୁମାନେ ଏସବୁ କରିପାରନ୍ତି ନାହିଁ। ମନୁଷ୍ୟର ସ୍ୱାର୍ଥ ହାସଲ ଯଜ୍ଞରେ ନିଜକୁ ସମିଧ ସଜାଇ ସେମାନେ ଅନେକ ଯନ୍ତ୍ରଣା ସହନ୍ତି।

(ସମାଜ)